# NATIONAL NEWS BULLETIN (ODIA)

## 18 July - 2024

## Morning Bulletin : 7.15 A.M.

*********************************

## ମୁଖ୍ୟ ସମ୍ବାଦ

- ନୂଆଦିଲ୍ଲୀରେ ଆଜିଠାରୁ ଆରମ୍ଭ ହେବ ନିଶାଦ୍ରବ୍ୟ ନିୟନ୍ତ୍ରଣ ବ୍ୟୁରୋର ସପ୍ତମ ଶିଖର ବୈଠକ ।

- ସୁପ୍ରିମ୍‌କୋର୍ଟର ଦୁଇ ଜଣ ନୂଆ ବିଚାରପତିଙ୍କୁ ଆଜି ଶପଥପାଠ କରାଇବେ ପ୍ରଧାନ ବିଚାରପତି ।

- ଓମାନ୍ ଉପକୂଳରେ ବୁଡ଼ିଯାଇଥିବା ତେଲ ଟ୍ୟାଙ୍କର୍‌ରୁ ୮ ଭାରତୀୟ ଉଦ୍ଧାର ।

- ବାଂଲାଦେଶରେ ସରକାରୀ ଚାକିରିରେ ସଂରକ୍ଷଣକୁ ବିରୋଧ କରି ଚାଲିଥିବା ଆନ୍ଦୋଳନ ଜୋର୍‌ଦାର୍ ।

ଏବଂ

- ଶ୍ରୀଲଙ୍କାର ଦାମ୍ବୁଲା ଠାରେ ଆସନ୍ତାକାଲିଠାରୁ ଆରମ୍ଭ ହେବ ଏସିଆ କପ୍ ମହିଳା ଟି-ଟ୍ୱେଣ୍ଟି ପ୍ରତିଯୋଗିତା ।

# ଶାହା -ନାର୍କୋଟିକ୍

ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ଆଜି ନୂଆଦିଲ୍ଲୀରେ ନିଶାଦ୍ରବ୍ୟ ନିୟନ୍ତ୍ରଣ ବ୍ୟୁରୋର ସପ୍ତମ ଶିଖର ବୈଠକରେ ଅଧ୍ୟକ୍ଷତା କରିବେ । ଶ୍ରୀ ଶାହା ଜାତୀୟ ନିଶାଦ୍ରବ୍ୟ ହେଲ୍‌ପଲାଇନ୍ **ମାନସ**ର ଉନ୍ମୋଚନ କରିବା ସହ ଶ୍ରୀନଗର ଠାରେ ନିଶାଦ୍ରବ୍ୟ ନିୟନ୍ତ୍ରଣ ବ୍ୟୁରୋର ଆଞ୍ଚଳିକ କାର୍ଯ୍ୟାଳୟର ଉଦ୍‌ଘାଟନ କରିବେ । ବୈଠକରେ ସ୍ୱରାଷ୍ଟ୍ରମନ୍ତ୍ରୀ ଶ୍ରୀ ଶାହା ୨୦୨୩ର ନିଶାଦ୍ରବ୍ୟ ନିୟନ୍ତ୍ରଣ ସଂପର୍କିତ ବାର୍ଷିକ ରିପୋର୍ଟ ଉନ୍ମୋଚନ କରିବା ସହ ନିଶାମୁକ୍ତ ଭାରତ ଅଭିଯାନର ଶୁଭାରମ୍ଭ କରିବେ ।

ଏହି ବୈଠକର ଉଦ୍ଦେଶ୍ୟ ହେଉଛି ବିଭିନ୍ନ କେନ୍ଦ୍ରୀୟ ଏବଂ ରାଜ୍ୟସ୍ତରୀୟ ସଂସ୍ଥାଗୁଡ଼ିକୁ ମଧ୍ୟରେ ସହଭାଗିତାକୁ ଅଧିକ ଦୃଢ଼ କରିବା । ଏହାଦ୍ୱାରା ଦେଶରେ ନିଶାଦ୍ରବ୍ୟ କାରବାର ରୋକିବା ଲାଗି ସମନ୍ୱୟ ଭିତ୍ତିକ ପଦକ୍ଷେପ ଗ୍ରହଣ କରାଯାଇ ପାରିବ । ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଏ ଦିଗରେ ଏକ ତିନିସୂତ୍ରୀ ଯୋଜନା ପ୍ରସ୍ତୁତି କରୁଛି । ଏଥିରେ ଲୋକମାନଙ୍କୁ

ସଚେତନ କରାଇବା, ବିଭିନ୍ନ ନିଶାଦ୍ରବ୍ୟ ନିୟନ୍ତ୍ରଣକାରୀ ସଂସ୍ଥାମାନଙ୍କ ମଧ୍ୟରେ ସମନ୍ୱୟ ପ୍ରତିଷ୍ଠା କରିବା ଓ ବିଭିନ୍ନ ପ୍ରତିଷ୍ଠାନ ଗୁଡ଼ିକୁ ଭାଗିଦାରୀ ପାଇଁ ସୁଯୋଗ ସୃଷ୍ଟି କରିବା । ୨୦୪୭ ସୁଦ୍ଧା ଦେଶକୁ ନିଶାମୁକ୍ତ କରିବା ପାଇଁ ସବୁମତେ ଉଦ୍ୟମ କରାଯାଉଛି ବୋଲି ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ସୂଚନା ଦେଇଛି ।

# ଏସ୍.ସି.-ନୂଆ ବିଚାରପତି

ସୁପ୍ରିମ୍‌କୋର୍ଟର ଦୁଇ ଜଣ ନୂଆ ବିଚାରପତି ଆଜି ଶପଥ ଗ୍ରହଣ କରିବେ । ପ୍ରଧାନ ବିଚାରପତି ଡି.ୱାଇ. ଚନ୍ଦ୍ରଚୂଡ଼୍, ଜଷ୍ଟିସ୍ ନୋଙ୍ଗମେଇକାପମ୍ କୋଟିଶ୍ୱର ସିଂହ ଏବଂ ଜଷ୍ଟିସ୍ ଆର୍. ମହାଦେବନ୍‌ଙ୍କୁ ଶପଥ ପାଠ କରାଇବେ । ଗତ ମଙ୍ଗଳବାର ଦିନ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଉଭୟଙ୍କ ନିଯୁକ୍ତିକୁ ଅନୁମୋଦନ କରିଥିଲେ । ଏହି ଦୁଇ ବିଚାରପତିଙ୍କ ନିଯୁକ୍ତି ପରେ ସୁପ୍ରିମ୍‌କୋର୍ଟରେ ପ୍ରଧାନ ବିଚାରପତିଙ୍କ ସମେତ ୩୪ ଜଣ ବିଚାରପତି ରହିବେ । ସୁପ୍ରିମ୍‌କୋର୍ଟ୍ କଲେଜିୟମ୍ ଜାମ୍ମୁ କାଶ୍ମୀର ଏବଂ ଲଦାଖ ହାଇକୋର୍ଟର ମୁଖ୍ୟ ବିଚାରପତି ଏନ୍. କୋଟିଶ୍ୱର ସିଂହ ଏବଂ ମାଡ୍ରାସ୍ ହାଇକୋର୍ଟର କାର୍ଯ୍ୟକାରୀ ମୁଖ୍ୟ ଆର୍. ମହାଦେବନ୍‌ଙ୍କୁ ସର୍ବୋଚ୍ଚ ନ୍ୟାୟାଳୟ ପଦୋନ୍ନତି ପାଇଁ ସୁପାରିଶ କରିଥିଲେ । ଜଷ୍ଟିସ୍ ସିଂହ ହେଉଛନ୍ତି ମଣିପୁର ରାଜ୍ୟର ପ୍ରଥମ

ବିଚାରପତି, ଯିଏ ସୁପ୍ରିମ୍‌କୋର୍ଟର ବିଚାରପତି ଭାବେ ନିଯୁକ୍ତ ହେବେ । ସୁପ୍ରିମ୍‌କୋର୍ଟରେ ଦୁଇଟି ପଦବୀ ଖାଲି ପଡ଼ିଥିବାରୁ ଏହି ଦୁଇ ବିଚାରପତିଙ୍କ ପଦୋନ୍ନତି ପାଇଁ ସୁପାରିଶ କରାଯାଇଥିଲା । ଜଷ୍ଟିସ୍ ଅନିରୁଦ୍ଧ ବୋଷ ଚଳିତ ବର୍ଷ ଏପ୍ରିଲ୍ ୧୦ରେ ଏବଂ ଜଷ୍ଟିସ୍ ଏ.ଏସ୍. ବୋପାନ୍ନା ମେ ୧୯ରେ ଅବସର ଗ୍ରହଣ କରିଥିଲେ ।

## ଆର୍‌ପିଏଫ୍-ରେସ୍‌କ୍ୟୁ

ଚଳିତ ବର୍ଷ ପ୍ରଥମ ପାଞ୍ଚ ମାସରେ ରେଳବାଇ ସୁରକ୍ଷା ବଳ ଆର୍.ପି.ଏଫ୍. ୪ହଜାର ୬୦୭ ଜଣ ଶିଶୁଙ୍କୁ ଉଦ୍ଧାର କରିଛି । ମନ୍ତ୍ରଣାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ଘର ଛାଡ଼ି ପଳାଇଥିବା ଶିଶୁ, ନିରାଶ୍ରୟ, ଅପହୃତ, ମାନସିକ ବିକାରଗ୍ରସ୍ତ ଶିଶୁମାନଙ୍କୁ ଅସହାୟ ଅବସ୍ଥାରେ ଉଦ୍ଧାର କରି ସେମାନଙ୍କ ପରିବାରକୁ ଫେରାଇବା କ୍ଷେତ୍ରରେ ଆର୍.ପି.ଏଫ୍. ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛି ବୋଲି କୁହାଯାଇଛି ।

ସୂଚନା ଅନୁଯାୟୀ 'ନହ୍ନେ ଫରିସ୍ତେ' ଅଭିଯାନରେ ଆର୍.ପି.ଏଫ୍. ୨୦୨୩ରେ ୧୧ହଜାର ୭୯୪ ଜଣ ଶିଶୁଙ୍କୁ ଉଦ୍ଧାର କରିଥିବା ବେଳେ ୨୦୧୮ରୁ ଏ ପର୍ଯ୍ୟନ୍ତ ୮୪ ହଜାରରୁ ଅଧିକ ଶିଶୁଙ୍କୁ ଉଦ୍ଧାର କରିଛି । ବିପଜ୍ଜନକ ପରିସ୍ଥିତିରୁ ଉଦ୍ଧାର କରି ଶିଶୁମାନଙ୍କୁ ଜିଲ୍ଲା ଶିଶୁ କଲ୍ୟାଣ

ସମିତିକୁ ହସ୍ତାନ୍ତର କରାଯାଏ । ପରେ ସମ୍ପୃକ୍ତ ଶିଶୁମାନଙ୍କୁ ସେମାନଙ୍କ ପିତାମାତାଙ୍କୁ ଫେରାଇ ଦିଆଯାଇଥାଏ ।

## ତେଲ ଟ୍ୟାଙ୍କର

ଓମାନ୍ ଉପକୂଳରେ ବୁଡ଼ିଯାଇଥିବା ତେଲ ଟ୍ୟାଙ୍କ୍‌ରରେ ଥିବା ୮ ଜଣ ଭାରତୀୟଙ୍କ ସମେତ ୯ ଜଣ କ୍ରୁ ସଦସ୍ୟଙ୍କୁ ଭାରତୀୟ ନୌସେନା ଉଦ୍ଧାର କରିଛି । ଉଦ୍ଧାର ହୋଇଥିବା ସଦସ୍ୟଙ୍କ ମଧ୍ୟରେ ଜଣେ ଶ୍ରୀଲଙ୍କା ଅଧିବାସୀ ଅଛନ୍ତି । ଚଳିତ ମାସ ୧୫ରେ ଓମାନ୍‌ର ରାସ ମାଦ୍ରାକା ଠାରୁ ପ୍ରାୟ ୨୫ ନଟିକାଲ୍ ମାଇଲ୍ ଦକ୍ଷିଣ ପୂର୍ବ ଦିଗରେ ଏକ ତୈଳବାହି ଜାହାଜ ବୁଡ଼ିଯିବା ପରେ ଜୁଲାଇ ୧୬ରୁ ଭାରତୀୟ ନୌସେନାର ଯୁଦ୍ଧ ଜାହାଜ ସହାୟତାରେ ଅନୁସନ୍ଧାନ ଏବଂ ଉଦ୍ଧାର କାର୍ଯ୍ୟ ଜାରି ରହିଛି । ସେହି ତେଲ ଟ୍ୟାଙ୍କର୍‌ରେ ୧୩ ଜଣ ଭାରତୀୟ ଏବଂ ୩ ଜଣ ଶ୍ରୀଲଙ୍କା ନାଗରିକ ଅଛନ୍ତି । ସେହି ଅଞ୍ଚଳରେ ସମୁଦ୍ର ଅତ୍ୟଧିକ ଅଶାନ୍ତ ରହୁଥିବାରୁ ଉଦ୍ଧାର କାର୍ଯ୍ୟ ବିଳମ୍ବିତ ହେଉଛି । ଭାରତୀୟ ନୌସେନାର ଯୁଦ୍ଧ ବିମାନ ପି-୮.ଆଇ. କ୍ରୁ ସଦସ୍ୟମାନଙ୍କୁ ଖୋଜିବା ଲାଗି ବ୍ୟବହାର କରାଯାଉଛି । ଇତିମଧ୍ୟରେ ଓମାନ୍‌ରେ ଥିବା ଭାରତୀୟ ଦୂତାବାସ ସେଠାକାର କର୍ତ୍ତୃପକ୍ଷଙ୍କ ସହ ନିରନ୍ତର ଯୋଗାଯୋଗରେ ଥିବା ଜଣାପଡ଼ିଛି ।

## ରତ୍ନଭଣ୍ଡାର

ପୁରୀ ଶ୍ରୀମନ୍ଦିରରେ ଆଜି ପୁଣିଥରେ ଭିତରର ରତ୍ନଭଣ୍ଡାର ଖୋଲାଯିବ । ଏଥିପାଇଁ ଶ୍ରଦ୍ଧାଳୁମାନଙ୍କ ମନ୍ଦିର ପ୍ରବେଶ ଉପରେ କଟକଣା ଜାରି କରାଯାଇଛି । ରାଜ୍ୟ ଆଇନ୍ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି, ଭିତର ରତ୍ନଭଣ୍ଡାର ଖୋଲାଯିବା ପରେ ସିନ୍ଦୁକ ଏବଂ ଆଲମିରାକୁ ଅସ୍ଥାୟୀ ଷ୍ଟ୍ରଙ୍ଗ୍‌ରୁମ୍‌କୁ ସ୍ଥାନାନ୍ତର କରାଯିବ । ଭଣ୍ଡାର ଗୃହ ମରାମତି ପାଇଁ ମଧ୍ୟ ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ସଂସ୍ଥାକୁ ଜଣାଇ ଦିଆଯାଇଥିବା ସେ କହିଛନ୍ତି । ତେବେ ଅଳଙ୍କାର ଗୁଡ଼ିକର ଗଣତି ଓ ମଣତି ପାଇଁ ୩୦ରୁ ୪୦ ଦିନ ଲାଗିବ ବୋଲି ସେ କହିଛନ୍ତି । ଆଜି ସୁରକ୍ଷା ଦୃଷ୍ଟିରୁ କେବଳ ଅଧିକୃତ ବ୍ୟକ୍ତିମାନେ ସିଂହଦ୍ୱାର ଦେଇ ମନ୍ଦିର ମଧ୍ୟକୁ ପ୍ରବେଶ କରିବେ ବୋଲି ଜଣାପଡ଼ିଛି ।

## ବାଂଲାଦେଶ-କ୍ଲାସ୍

ବାଂଲାଦେଶରେ ସରକାରୀ ଚାକିରିରେ ସଂରକ୍ଷଣକୁ ବିରୋଧ କରି ଚାଲିଥିବା ଆନ୍ଦୋଳନ ହିଂସାତ୍ମକ ରୂପ ଧାରଣ କରିଛି । ଗତ ମଙ୍ଗଳବାର ଦିନ ବିକ୍ଷୋଭ ପ୍ରଦର୍ଶନ ସମୟରେ ୬ ଜଣଙ୍କ ମୃତ୍ୟୁ ହେବା ପରେ ଢାକା ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀମାନେ କଫିନ୍ ଶୋଭାଯାତ୍ରା ବାହାର କରିଥିଲେ । ସେମାନଙ୍କ ଉପରକୁ ପୋଲିସ୍ ଲୁହବୁହା ଗ୍ୟାସ୍ ଓ ଗ୍ରେନେଡ୍

ମାଡ଼ କରିଥିବା ସୂଚନା ମିଳିଛି । ସରକାରୀ ଚାକିରିରେ ସଂରକ୍ଷଣ ସଂସ୍କାର ଦାବିରେ ଉଭୟ ସରକାରୀ ଓ ବେସରକାରୀ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀ ଓ ଶିକ୍ଷକମାନେ ଚଳିତ ମାସ ପହିଲାରୁ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି । ଇତିମଧ୍ୟରେ ବାଂଲାଦେଶର ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ ଛାତ୍ରଛାତ୍ରୀଙ୍କ ସୁରକ୍ଷା ଦୃଷ୍ଟିରୁ ସମସ୍ତ ବିଶ୍ୱବିଦ୍ୟାଳୟ, ଅନୁବନ୍ଧିତ କଲେଜ୍ ଓ ଅନ୍ୟାନ୍ୟ ଅନୁଷ୍ଠାନ ଗୁଡ଼ିକୁ ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ବନ୍ଦ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି ।

ସୂଚନା ଅନୁଯାୟୀ ବାଂଲାଦେଶ ସ୍ୱାଧୀନ ହେବା ପରେ ସ୍ୱାଧୀନତା ସଂଗ୍ରାମୀଙ୍କ ପାଇଁ ସରକାରୀ ଚାକିରିରେ ୩୦ ପ୍ରତିଶତ ସଂରକ୍ଷଣ ଥିଲା । ୨୦୧୦ରେ ସ୍ୱାଧୀନତା ସଂଗ୍ରାମୀଙ୍କ ନାତିନାତୁଣୀଙ୍କୁ ଏହି ସଂରକ୍ଷଣ ନୀତିରେ ସାମିଲ କରାଯାଥିଲା । ୨୦୧୮ ମସିହାରେ ଏହାକୁ ବିରୋଧ କରାଯିବା ଫଳରେ ପ୍ରଥମ ଦ୍ୱିତୀୟ ଶ୍ରେଣୀ ଚାକିରି ପାଇଁ କୋଟା ବ୍ୟବସ୍ଥାକୁ ଉଚ୍ଛେଦ କରାଯିବା ସହ ୩୦ ପ୍ରତିଶତ ସଂରକ୍ଷଣ ବନ୍ଦ କରାଯାଇଥିଲା । ତେବେ ଗତ ମାସ ୫ ତାରିଖରେ ବାଂଲାଦେଶ ହାଇକୋର୍ଟ ଏହି ନିର୍ଦ୍ଦେଶକୁ ବେଆଇନ୍ ଘୋଷଣା କରିବା ପରେ ଛାତ୍ରଛାତ୍ରୀ ଓ ଶିକ୍ଷକମାନେ ଆନ୍ଦୋଳନ ଆରମ୍ଭ କରିଥିଲେ ।

## ମନସୁଖ ମାଣ୍ଡବ୍ୟ

ଯୁବ ଭାରତୀୟଙ୍କ ଆବଶ୍ୟକତା ଏବଂ ଆକାଂକ୍ଷା ଗୁଡ଼ିକ ପୂରଣ କରିବା ଉପରେ କେନ୍ଦ୍ର ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରୀ ଡକ୍ଟର ମନସୁଖ ମାଣ୍ଡବ୍ୟ ଗୁରୁତ୍ୱାରୋପ କରିଛନ୍ତି । ଗତକାଲି ମୋ ଭାରତ ପ୍ଲାଟ୍‌ଫର୍ମ ଅଧୀନରେ ଜାତୀୟ ଯୁବ ପୁରସ୍କାର ବିଜେତା ଏବଂ ଜାତୀୟ ସେବା ଯୋଜନା ପୁରସ୍କାର ପ୍ରାପ୍ତ ବ୍ୟକ୍ତିମାନଙ୍କ ସହ ଆଲୋଚନା ଅବସରରେ ମନ୍ତ୍ରୀ ଶ୍ରୀ ମାଣ୍ଡବ୍ୟ କହିଛନ୍ତି, ଭାରତର ଯୁବବର୍ଗ ହେଉଛନ୍ତି ଆମ ଭବିଷ୍ୟତର ନିଷ୍ପତ୍ତି ଗ୍ରହଣକାରୀ । ସେ କହିଛନ୍ତି, ବିଭିନ୍ନ ଯୋଜନା ଓ କାର୍ଯ୍ୟକ୍ରମ ମାଧ୍ୟମରେ ଯୁବଗୋଷ୍ଠୀଙ୍କୁ ସଶକ୍ତ କରିବା ପାଇଁ ସରକାର ପଦକ୍ଷେପ ଗ୍ରହଣ କରୁଛନ୍ତି । ଦେଶକୁ ପ୍ରଗତି ଏବଂ ନବସୃଜନ ଦିଗରେ ଆଗକୁ ନେବା ଲାଗି ଯୁବଗୋଷ୍ଠୀଙ୍କ ପରିବର୍ତ୍ତିତ ଶକ୍ତି ପ୍ରମୁଖ ଭୂମିକା ଗ୍ରହଣ କରିବ ବୋଲି ସେ କହିଛନ୍ତି ।

## ଜୁଏଲ୍ ଓରାମ୍

କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ୍ ଓରାମ୍ ଆଗାମୀ ୧୦୦ ଦିନ ପାଇଁ ମନ୍ତ୍ରଣାଳୟର ପ୍ରମୁଖ ପଦକ୍ଷେପ ଉପରେ ରଣନୀତି ପ୍ରସ୍ତୁତ କରିଛନ୍ତି । ବୈଠକରେ ଆଦିବାସୀ ଛାତ୍ରଛାତ୍ରୀଙ୍କ ପାଇଁ ଛାତ୍ରବୃତ୍ତି ଯୋଜନା, ପି.ଏମ୍. ଜନମନ, ପି.ଏମ୍. ଏ.ଜି.ଓ୍ୱାଇ., ଇ.ଏମ୍.ଆର୍.ଏସ୍.

ଏବଂ ଅନ୍ୟାନ୍ୟ ଯୋଜନା ଗୁଡ଼ିକ ଉପରେ ଆଲୋଚନା କରାଯାଇଥିଲା । ଏହି ଅବସରରେ ମନ୍ତ୍ରୀ ଶ୍ରୀ ଓରାମ୍ କହିଥିଲେ ଏକ ସମାବେଶୀ ସମାଜ ଗଠନ ଦିଗରେ ନୂତନ ରଣନୀତିର ଆବଶ୍ୟକତା ରହିଛି । ଆଦିବାସୀଙ୍କ ବିକାଶ ଲାଗି ସମସ୍ତଙ୍କୁ ଅକ୍ଲାନ୍ତ ପରିଶ୍ରମ କରିବାକୁ ମନ୍ତ୍ରୀ ଶ୍ରୀ ଓରାମ୍ ପରାମର୍ଶ ଦେଇଥିଲେ ।

## ପାକିସ୍ତାନ-ଗ୍ରେନେଡ୍

ପାକିସ୍ତାନର ଦକ୍ଷିଣ ସିନ୍ଧ ପ୍ରଦେଶର ଏକ ପୋଲିସ୍ ଷ୍ଟେସନ୍‌ରେ ହ୍ୟାଣ୍ଡ ଗ୍ରେନେଡ୍ ବିସ୍ଫୋରଣ ହେବାରୁ ୯ ଜଣ ଆହତ ହୋଇଛନ୍ତି । ସମ୍ପୃକ୍ତ ଥାନାର ଏକ ଷ୍ଟୋର୍ ରୁମ୍‌ରେ ତାପମାତ୍ରା ବୃଦ୍ଧି ପାଇବାରୁ ହ୍ୟାଣ୍ଡ ଗ୍ରେନେଡ୍ ଆପେ ବିସ୍ଫୋରଣ ହୋଇଥିଲା । ବିସ୍ଫୋରଣ ପରେ ଉଦ୍ଧାରକାରୀ ଦଳ ଓ ବୋମା ନିଷ୍କ୍ରିୟକାରୀ ଦଳ ଘଟଣା ସ୍ଥଳରେ ପହଞ୍ଚି ଆହତମାନଙ୍କୁ ନିକଟସ୍ଥ ଡାକ୍ତରଖାନାରେ ଭର୍ତ୍ତି କରାଇଛନ୍ତି । ଘଟଣାର ତଦନ୍ତ ଜାରି ରହିଛି ।

## ମହିଳା କ୍ରିକେଟ୍

ଏସିଆକପ୍ ମହିଳା ଟି-ଟ୍ୱେଣ୍ଟି ପ୍ରତିଯୋଗିତା ଆସନ୍ତାକାଲିଠାରୁ ଶ୍ରୀଲଙ୍କାର ଦାମ୍ବୁଲାଠାରେ ଆରମ୍ଭ ହେବ । ଏହି ପ୍ରତିଯୋଗିତାର ସମସ୍ତ

ମ୍ୟାଚ୍ ରଣଗିରି ଦାମ୍ବୁଲା ଆନ୍ତର୍ଜାତିକ ଷ୍ଟାଡିୟମ୍‌ରେ ଖେଳାଯିବ । ପ୍ରଥମ ମ୍ୟାଚ୍‌ରେ ଗ୍ରୁପ୍-ଏର ୟୁ.ଏ.ଇ. ଏବଂ ନେପାଳ ମଧ୍ୟରେ ଅନୁଷ୍ଠିତ ହେବ । ଏହା ପରେ ଗ୍ରୁପ୍-ଏରେ ଭାରତ ଏବଂ ପାକିସ୍ତାନ ମଧ୍ୟରେ ମୁକାବିଲା ହେବ । ଏହି ପ୍ରତିଯୋଗିତାରେ ହରମନପ୍ରୀତ କୌର ଭାରତୀୟ ଦଳର ନେତୃତ୍ୱ ନେଉଛନ୍ତି । ଗ୍ରୁପ୍-ଏରେ ଭାରତ, ପାକିସ୍ତାନ, ନେପାଳ ଏବଂ ୟୁ.ଏ.ଇ. ଥିବା ବେଳେ ଗ୍ରୁପ୍-ବିରେ ଶ୍ରୀଲଙ୍କା, ବଂଲାଦେଶ, ଥାଇଲାଣ୍ଡ ଏବଂ ମାଲେସିଆ ଅଛନ୍ତି । ପ୍ରତିଯୋଗିତାର ସେମିଫାଇନାଲ୍ ଜୁଲାଇ ୨୬ରେ ଏବଂ ଫାଇନାଲ୍ ଜୁଲାଇ ୨୮ରେ ଅନୁଷ୍ଠିତ ହେବ ।

## ଆଇସିସି-ଟି-ଟ୍ୱେଣ୍ଟି ର୍ୟାଙ୍କିଙ୍ଗ୍

ଆଇ.ସି.ସି. ପକ୍ଷରୁ ଟି-ଟ୍ୱେଣ୍ଟି ର୍ୟାଙ୍କିଙ୍ଗ୍ ପ୍ରକାଶ ପାଇଛି । ଏଥିରେ ଭାରତର ସୂର୍ଯ୍ୟକୁମାର ଯାଦବ ଦ୍ୱିତୀୟ ସ୍ଥାନରେ ଥିବା ବେଳେ ଜଶସ୍ୱୀ ଜୟସ୍ୱାଲ୍ ଷଷ୍ଠ ସ୍ଥାନରେ ଅଛନ୍ତି । ଋତୁରାଜ ଗାୟକ୍‌ୱାଡ୍ ବ୍ୟାଟିଂରେ ଗୋଟିଏ ସ୍ଥାନ ତଳକୁ ଖସି ଅଷ୍ଟମ ସ୍ଥାନରେ ଅଛନ୍ତି । ଜିମ୍ବାୱେ ବିପକ୍ଷରେ ଟି-ଟ୍ୱେଣ୍ଟି ଶୃଙ୍ଖଳାରେ ବିଜୟ ଲାଭ ପରେ ଭାରତୀୟ ଖେଳାଳିମାନଙ୍କୁ ଉନ୍ନତ ର୍ୟାଙ୍କିଙ୍ଗ୍ ମିଳିଛି ।

ପୁରୁଷ ଟି-ଟ୍ୱେଣ୍ଟି ଅଲ୍‌ରାଉଣ୍ଡର ର୍‍ୟାଙ୍କିଙ୍ଗ୍‌ରେ ହାର୍ଦ୍ଦିକ ପାଣ୍ଡିୟା ଷଷ୍ଠ ସ୍ଥାନରେ ଥିବା ବେଳେ ଟେଷ୍ଟ ବ୍ୟାଟିଂରେ ରୋହିତ ଶର୍ମା ଷଷ୍ଠ ସ୍ଥାନରେ ରହିଛନ୍ତି ।